


ପ୍ରେସ୍ ନୋଟ୍

## ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ-୨୦୨୨

ଅନୁଗୋଳ, ତା.୦୧.୧୧:- ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଓ ଭୋଟର ତାଲିକା ସଂଶୋଧନ -୨୦୨୨ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଏକ ତ୍ରୁଟିଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଓ ଯୁବ ତଥା ଭିନ୍ନକ୍ଷମ ଭୋଟର ମାନଂକୁ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ତାଳଚେର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ବିଶ୍ୱ ରଞ୍ଜନ ରଥ,ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଲଳିତ ମୋହନ ବେହେରା ଯୋଗ ଦେଇଥିଲେ । ଡେପୁଟୀ କଲେକ୍ଟର(ନିର୍ବାଚନ) ମନିଷା ଗୁପ୍ତା ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଏହାଛଡା ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳ ବିଜେଡିର ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ,କଂଗ୍ରେସର ଶ୍ରୀ ଆଲୋକ କୁମାର ଦାସ,ବହୁଜନ ସମାଜ ପାର୍ଟିର ଶ୍ରୀ କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆଜି ତା. ୦୧ / ୧୧ / ୨୦୨୧ ରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଗଲା ଓ ଆଜିଠାରୁ ସମଗ୍ର ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସ୍ୱତନ୍ତ୍ର ସଂକ୍ଷୀପ୍ତ ଫଟୋ ଭୋଟର ତାଲିକା ସଂଶୋଧନ-୨୦୨୨ କାର୍ଯ୍ୟକ୍ରମ ନିମନ୍ତେ ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ସମୟ ନିର୍ଘଣ୍ଟ ସ୍ଥିର କରାଯାଇଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ ତା ୦୧/ ୧୧/ ୨୦୨୧ ରିଖ ଠାରୁ ଆରମ୍ଭ ହୋଇ ତା ୩୦/୧୧/୨୦୨୧ ପର୍ଯ୍ୟନ୍ତ ଚାଲିବ । ୦୧/୦୧/୨୦୨୨ ତାରିଖ ସୁଦ୍ଧା ଯେଉଁମାନଙ୍କର ବୟସ ୧୮ ବର୍ଷ ହେଉଥିବ ସେମାନେ ଚଳିତ ଭୋଟର ତାଲିକାରେ ସାମିଲ ହୋଇ ପାରିବେ ।

ଜିଲ୍ଲାର ପ୍ରତ୍ୟେକ ବୁଥରେ ଜଣେ ଜଣେ ବୁଥ ସ୍ତରୀୟ ଅଧିକାରୀ (ଅଙ୍ଗନୱାଡି କର୍ମୀ/ ଶିକ୍ଷକ) ଭୋଟର ତାଲିକାର ସଂଶୋଧନ ପାଇଁ କାର୍ଯ୍ୟ କରିବେ । ଅଧିକାରୀ ଜଣକ ଘର କୁ ଘର ବୁଲି ଭୋଟର ତାଲିକାରେ ଫଟୋ ନଥିବା ଭୋଟରଙ୍କ ଠାରୁ ଫଟୋ ସଂଗ୍ରହ କରିବା ସହିତ ମୃତ, ସ୍ଥାନାନ୍ତରିତ ଓ ଦୋହରା ଯାଇଥିବା ଭୋଟରଙ୍କୁ ଚିହ୍ନଟ କରି ସେମାନଙ୍କ ନାମକୁ ଭୋଟର ତାଲିକା ରୁ ବାଦ ଦେବେ । ଏହା ସହିତ ୧୮-୧୯ ବର୍ଷ ହୋଇଥିବା ନୂଆ ଭୋଟରଙ୍କୁ ତାଲିକାରେ ସାମିଲ କରି ଭୋଟର ତାଲିକା ସଂଶୋଧନ କରିବାରେ ସହାୟକ ହେବେ ।

ରାଜନୈତିକ ଦଳର ବୁଥ ସ୍ତରୀୟ ଏଜେଣ୍ଟମାନଙ୍କର ସହାୟତାରେ ବିଭିନ୍ନ ଦାବୀ, ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହିତ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବେ । ସମସ୍ତ ବୁଥରେ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବା ପାଇଁ ସମସ୍ତ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରାଗଲା ।

ଏ ସଂକ୍ରାନ୍ତରେ ସମସ୍ତ ଆପତ୍ତି ଅଭିଯୋଗ ନିମ୍ନଲିଖିତ ଫର୍ମରେ ପୂରଣକରି ଇ.ଆର.ଓ. (ଉପଜିଲ୍ଲାପାଳ)/ ଏ.ଇ.ଆର.ଓ. (ବି.ଡି.ଓ./ ତହସିଲଦାର) ଙ୍କ କାର୍ଯ୍ୟାଳୟ କିମ୍ୱା ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ଦାଖଲ କରିପାରିବେ ।

୧- ଫର୍ମ-୬ ଭୋଟର ତାଲିକା ରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଦରଖାସ୍ତ।

୨- ଫର୍ମ-୭ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ବା ହୋଇଥିବା ନାମ କୁ ବାଦ କରିବା ପାଇଁ ଦରଖାସ୍ତ।

୩- ଫର୍ମ-୮ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ହୋଇଥିବା ବିବରଣୀ ସଂଶୋଧନ ପାଇଁ ଦରଖାସ୍ତ।

୪- ଫର୍ମ-୮(କ) ଭୋଟର ତାଲିକାରେ ଉଲ୍ଲେଖ ହୋଇଥିବା ନାମର ସ୍ଥାନ ପରିବର୍ତ୍ତନ ପାଇଁ ଦରଖାସ୍ତ।

ଏଥର ଭୋଟର ତାଲିକା ସଂଶୋଧନ ଅଭିଯାନର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ ଗୁଡିକ ହେଉଛି, ଭୋଟର ତାଲିକାରେ ଭିନ୍ନକ୍ଷମ ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା, ସମସ୍ତ ଯୋଗ୍ୟ ଯୁବ ଭୋଟରଙ୍କୁ ସାମିଲ କରିବା, ସଠିକ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା। ଦୋହରା ଭୋଟରଙ୍କୁ ବାଦ ଦେବା। ଗୋଟିଏ କାର୍ଡରେ ଦୁଇ ଜଣ ଭୋଟର ଥିଲେ ଜଣକୁ ବାଦ ଦେବା, ଫୋଟୋ ସଂଶୋଧନ କରିବା, ଭୋଟର ତାଲିକାରେ ଫଟୋ ନ ଥିଲେ ମତଦାତାଙ୍କର ଫଟୋ ସଂଗ୍ରହ କରି ଫଟୋ ଲଗାଇବା, ମୃତ/ ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ ଦେବା।

ଅଧିକ ଜାଣିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ – "www.ceoorissa.nic.in" ରେ "search your name in the voter list" ମେନୁ କୁ ଯାଇ ନିଜ ଜିଲ୍ଲାର ନାମ, ବିଧାନସଭା ନିର୍ବାଚନ ମଣ୍ଡଳୀର ନାମ କିମ୍ବା ଭୋଟର ପରିଚୟ ପତ୍ର ନମ୍ବର ମାଧମରେ ଅନୁସନ୍ଧାନ କରି ଦରଖାସ୍ତ ଦେଇ ପାରିବେ। ଜନସାଧାରଣଙ୍କ ସୁବିଧା ନିମନ୍ତେ ଗୋଟିଏ ଭୋଟର ହେଲ୍ପଲାଇନ ଆପ୍ଲିକେସନ ଭାରତ ସରକାରଙ୍କ ଦ୍ଵାରା ତିଆରି କରାଯାଇଅଛି | ସେହି ଆପ୍ଲିକେସନରେ ରେଜିଷ୍ଟ୍ରେସନ କରିବାପରେ ଅନଲାଇନ ମାଧମରେ ନିଜର ସମସ୍ତ ତଥ୍ୟ ପାଇପାରିବେ ଏବଂ ନୂତନ ଭାବରେ ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା, କିଛି ଭୁଲ ଥିଲେ ଠିକ କରିବା ଭଳି କାର୍ଯ୍ୟ କରିପାରେବେ ।

ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଫୋଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୨ ରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବୈଦୁତିକ ଗଣମାଧ୍ୟମ ଓ ଖବରକାଗଜ ମାଧମରେ ପ୍ରଚାର ପ୍ରସାର କରାଯିବ, ଯଦ୍ଵାରା ଯୋଗ୍ୟ ଭୋଟର ନିଜର ଆପତ୍ତି ଅଭିଯୋଗ ଦାଖଲ କରି ପାରିବେ। କୋଣସି ଯୋଗ୍ୟ ମତଦାତା ବାଦ ପଡିବେ ନାହି ।

ଏହାର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି ।

| କ୍ର.ନଂ | କାର୍ଯ୍ୟତାଲିକା | ତାରିଖ |
|---|---|---|
| **ସଂଶୋଧନ କାର୍ଯ୍ୟକ୍ରମ** | | |
| ୧. | ଭୋଟର ତାଲିକାର ଚିଠା ପ୍ରକାଶନ | ୧.୧୧.୨୦୨୧ (ସୋମବାର ) |
| ୨. | ଆପତ୍ତି ଅଭିଯୋଗ ଗ୍ରହଣ କରିବାର ସମୟ ଅବଧି | ୧.୧୧.୨୦୨୧ (ସୋମବାର ) ଠାରୁ ୩୦.୧୧.୨୦୨୧ (ମଙ୍ଗଳବାର) |
| ୩. | ସ୍ୱତନ୍ତ୍ର ଅଭିଯାନ ତାରିଖ | ୦୭.୧୧.୨୦୨୧ (ରବିବାର ) ୨୧.୧୧.୨୦୨୧ (ରବିବାର ) |
| ୪. | ଆପତ୍ତି ଅଭିଯୋଗ ଗୁଡିକର ସମାଧାନ | ୨୦-୧୨-୨୦୨୧ (ସୋମବାର) ଭିତରେ |
| ୫. | ଚୁଡାନ୍ତ ଫଟୋ ଭୋଟର ତାଲିକା ପ୍ରକାଶନ | ୫-୦୧-୨୦୨୨ (ବୁଧବାର ) |